# କେନ୍ଦୁଝରଃ ଇ-ଅଭିଯୋଗ ୱେବ୍‌ସାଇଟ୍ ଉଦ୍‌ଘାଟିତ

କେନ୍ଦୁଝର,୩୧।୭(ଇମିସ):ଓଡିଶା ରାଜ୍ୟ ଅନଲାଇନ୍ ଅଭିଯୋଗ ଶୁଣାଣି ଇ-ଅଭିଯୋଗ ୱେବ୍‌ସାଇଟକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପରେ କେନ୍ଦୁଝରଠାରେ ଇ-ଅଭିଯୋଗ ୱେବସାଇଟ୍ ଆଜି କାର୍ଯ୍ୟକ୍ଷମ ହୋଇଯାଇଛି। ରାଜ୍ୟ ସଚିବାଳୟର ୩ ନମ୍ବର କନ୍‌ଫେରେନ୍‌ସ ହଲଠାରେ ଆଜି ଦିନ ସାଢେ ବାରଟା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିଲେ।୩୦ଟି ଜିଲ୍ଲାର ଜିଲ୍ଲାପାଳ,ଏସ୍‌ପି, ଜିଲ୍ଲା ଇନଫରମେଟିକ ଅଫିସର ଭିଡିଓ କନଫରେନସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଓସ୍ୱାନ ଭିଡିଓ କନଫରେନସିଂ ରୁମରେ ଇ-ଅଭିଯୋଗ କାର୍ଯ୍ୟକ୍ଷମ ହୋଇଛି। ଜିଲ୍ଲାପାଳ ଦେବଯାନୀ ଚକ୍ରବର୍ତ୍ତୀ, ଏସ୍‌ପି ଆଶିଷ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ ଭାଗବତ ମାଝି, ଡିଆଇଓ ଏନଆଇସି ଅଜିତ ପଟ୍ଟନାୟକ, ଡିପିଆରଓ ସଂଜୀବ ବାରିକ, କେନ୍ଦୁଝର ଉପଜିଲ୍ଲାପାଳ ପ୍ରମୋଦ କୁମାର ବେହେରା, କେନ୍ଦୁଝର ତହସିଲଦାର ଗୌରହରି ବେହେରା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଏହି ଇ-ଅଭିଯୋଗ ଶୁଣାଣିରେ ଅଂଶ ଗ୍ରହଣ କରିଥିଲେ। ଜନସାଧାରଣଙ୍କ ଅଭିଯୋଗକୁ ତୁରନ୍ତ ଅନଲାଇନ ଶୁଣାଣି କରି ସେବା ଯୋଗାଇ ଦେବା ପାଇଁ ଇ-ଅଭିଯୋଗ ଏକ ଅଭିନବ ମାଧ୍ୟମ। ସମଗ୍ର ଭାରତବର୍ଷରେ ଅନଲାଇନ ମାଧ୍ୟମରେ ଅଭିଯୋଗ ଶୁଣାଣି କରିବାରେ ଓଡିଶା ଦ୍ୱିତୀୟ ରାଜ୍ୟ ଭାବେ ମାନ୍ୟତା ପାଇଛି ବୋଲି ଜିଲ୍ଲାପାଳ ଦେବଯାନୀ ଚକ୍ରବର୍ତ୍ତୀ କହିଥିଲେ। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ପଠାଇବାର ପଦ୍ଧତି, ଇ-ଅଭିଯୋଗର ଉପକାରିତା ସଂପର୍କରେ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ, ଏହି ଇ-ଅଭିଯୋଗ କାର୍ଯ୍ୟକାରୀ ହେବା ଫଳରେ ଲୋକମାନେ ଏହା ମାଧ୍ୟମରେ ସିଧାସଳଖ ଅଭିଯୋଗ ପଠାଇ ପାରିବେ। ଅଭିଯୋଗକାରୀଙ୍କୁ ଇଣ୍ଟରନେଟ୍ ଜରିଆରେ ରେଜିଷ୍ଟ୍ରେସନ୍ ନମ୍ବର ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟମାନଙ୍କ ସହିତ ଅନଲାଇନରେ ସୂଚନା ପ୍ରସାରଣର ସୁବିଧା ଉପଲବ୍ଧ ରହିଛି। ଏଥିରେ ଯେ କେହି ଯେ କୌଣସି ସମୟରେ ଇଣ୍ଟରନେଟ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ପ୍ରେରଣ କରିବାର ସୁବିଧା ରହିଛି।

Sambad - 1st Aug, 2010

ମନୋହରପର ବଜାରରେ